## ସଂକ୍ଷେପରେ

### ଇଟାଭାଟି ଶ୍ରମିକଙ୍କ ମୃତ୍ୟୁ

**ଛତ୍ରପୁର,୨୬।୫(ଡି.ଏନ.ଏ.):** ଛତ୍ରପୁର ବ୍ଲକ ଅଧୀନ ଅଗସ୍ତିନୂଆଗାଁର ଏକ ଇଟାଭାଟିରେ କାମ କରୁଥିବା ଜଣେ ବୃଦ୍ଧ ଶ୍ରମିକଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ଣ୍ଣେଙ୍ଗୁନୁ ସିଂ (୬୦)। ତାଙ୍କ ଘର ଛତିଶଗଡରେ। ଭୋର ପ୍ରାୟ ୪ଟାରେ ପରିସ୍ରା କରିବାକୁ ବାହାରକୁ ଯାଇଥିବା ବେଳେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଛତ୍ରପୁର ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଛତ୍ରପୁର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ଏ ନେଇ ନଂ.୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଣ୍ଣେଙ୍ଗୁନୁ ବହୁ ବର୍ଷ ହେଲା ଏଠାରେ କାମ କରି ଆସୁଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ଜୀବନ ଗଲା

**ପୁରୁଷୋତ୍ତମପୁର,୨୬।୫(ଡି.ଏନ.ଏ.):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ସମା କୁଷପେଟା ଗ୍ରାମରେ ରବିବାର ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲ କିଶୋର ବେହେରା (୩୫)। କିଶୋର ନିଜ ଘର କାନ୍ଥ ପ୍ଲାଷ୍ଟରୀଙ୍ଗ କରୁଥିବା ବେଳେ ନିକଟରେ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ କିଶୋରଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୁରୁଷୋତ୍ତମପୁର ଥାନା ଏସ୍ଆଇ ରମେଶ ଚନ୍ଦ୍ର ପ୍ରଧାନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଅପମୃତ୍ୟୁ ମାମଲା ନଂ.୧୬/୧୯ ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଗ୍ରାହକଙ୍କୁ ଚାହା ଫିଙ୍ଗି ଦୋକାନୀ ଗିରଫ

**କୁକୁଡ଼ାଖଣ୍ଡି,୨୬।୫(ଡି.ଏନ.ଏ.):** କୁକୁଡ଼ାଖଣ୍ଡି ବ୍ଲକ ଆଙ୍କୁଶପୁର ବଜାର ରାସ୍ତାରେ ଥିବା ଏକ ଦୋକାନରେ ରବିବାର ଜଣେ ଗ୍ରାହକଙ୍କୁ ଗରମ ଚାହା ଫିଙ୍ଗି ଦୋକାନୀ ଗିରଫ ହୋଇଛନ୍ତି। ସେ ହେଲେ ନୀଳାଞ୍ଚଳ ସାହୁ। ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଗ୍ରାହକ ତଥା ମସିହାଖାଲିର ସମୀର ମହାରଣା ସବୁଦିନ ଭଳି ଚାହା ପିଇବା ପାଇଁ ରବିବାର ନୀଳାଞ୍ଚଳଙ୍କ ଦୋକାନକୁ ଆସିଥିଲେ। ତେବେ ବାକି ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନୀଳାଞ୍ଚଳ କେଟିଲରେ ଥିବା ଗରମ ଚାହା ସମୀରଙ୍କ ଉପରକୁ ଫିଙ୍ଗି ଦେଇଥିଲେ। ଫଳରେ ତାଙ୍କ ଡାହାଣ ହାତ ଓ ଶରୀରର କିଛି ଅଂଶ ପୋଡ଼ିଯାଇଛି। ଏ ନେଇ ସମୀରଙ୍କ ଅଭିଯୋଗକ୍ରମେ ଆଙ୍କୁଶପୁର ସଦର ଥାନାରେ ନଂ.୧୩୩/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି ।

### ୫୦୦ ପ୍ୟାକେଟ ମଦ ସହ ଗାଡ଼ି ଜବତ, ଜଣେ ଗିରଫ

**ମୋହନା,୨୬।୫(ଡି.ଏନ୍.ଏ.):** ମୋହନା ଥାନା ଅଠରନଳା ପୋଲ ନିକଟରେ ପୋଲିସ ଶନିବାର ରାତିରେ ଏକ ଟାଟା ସୁମରୁ ୨ଟି ବସ୍ତାରେ ୫୦୦ ପ୍ୟାକେଟ ମଦ ଜବତ ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ମୁଦୁମୁଡ଼ିଆ ଗାଁର ଗାଡ଼ି ଚାଳକ ସଞ୍ଜୟ କୁମାର ମହାଙ୍କୁଡ (୩୫)। ଏ ନେଇ ନଂ.୮୯/୧୯ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି। ମୋହନା ଅଞ୍ଚଳରେ ଏସ୍ଆଇ ଲଳିତ ମୋହନ ସାଗର ଓ ପୋଲିସ କର୍ମଚାରୀ ମିଶି ମୋହନାଠାରୁ ଅନ୍ତରବା ଯିବା ରାସ୍ତାରେ ରାତ୍ରି କାଳୀନ ପାଟ୍ରୋଲିଂ କରୁଥିଲେ। ମୋହନା ଅଠରନଳା ପୋଲ ନିକଟରେ ଏକ ଗାଡି ଯାଞ୍ଚ କରିବା ସମୟରେ ସେଥିରେ ଥିବା ମଦ ସହ ଗାଡ଼ିକୁ ପୋଲିସ ଜବତ କରିଥିଲା।

### ମନ୍ଦିର ପ୍ରତିଷ୍ଠା, ନାମଯଜ୍ଞ ଉଦ୍ୟାପିତ

**ବୁଗୁଡ଼ା,୨୬।୫(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ କେରାପଲ୍ଲୀ ଗ୍ରାମରେ ମଙ୍ଗଳବାରରୁ ଆରମ୍ଭ ହୋଇଥିବା ଗଙ୍ଗାଧରେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ସହ ୨୪ ପ୍ରହର ନାମ ସଂକୀର୍ତ୍ତନ ଶୁକ୍ରବାର ସକାଳେ ଉଦ୍ୟାପିତ ହୋଇଛି। ମଙ୍ଗଳବାରରୁ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କାର୍ଯ୍ୟାରମ୍ଭ ହୋଇଥିବା ବେଳେ ବୁଧବାର ଗଙ୍ଗାଧର ସ୍ୱାମୀ ଠାକୁରଙ୍କ ସ୍ନାନ ଓ ଜୀବନ୍ୟାସ ହୋଇଥିଲା। ଗୁରୁବାର ଧ୍ୱଜ ଭ୍ରମଣ ସହ ଗ୍ରାମ ପରିକ୍ରମା କରାଯାଇ ମନ୍ଦିର ମଧ୍ୟରେ ସିଂହାସନ ଆରୋହଣ ହୋଇଥିଲା । ଏହି ଅବସରରେ ମଙ୍ଗଳବାରରୁ ଚାଲି ଆସିଥିବା ୨୪ ପ୍ରହର ନାମ ସଂକୀର୍ତ୍ତନ ଶୁକ୍ରବାର ଉଦ୍ୟାପିତ ହୋଇଛି ।

## ବ୍ରହ୍ମପୁରରେ ୨.୮୬ କୋଟିରେ ମଡର୍ନ ଫିସ୍ ମାର୍କେଟ

# ବର୍ଜ୍ୟବସ୍ତୁ ପରିଚାଳନା, ପାଣି ବ୍ୟବସ୍ଥା ନିର୍ଦ୍ଦେଶ

- ଗାଇଡ୍‌ଲାଇନ୍ ପଠାଇଲେ ମତ୍ସ୍ୟ ନିର୍ଦ୍ଦେଶାଳୟ
- ନେଲୋର ଯାଇ ତଥ୍ୟ ସଂଗ୍ରହ କରାଯିବ
- ଖୋଲାରେ ଛେଳି କାଟିଲେ କାର୍ଯ୍ୟାନୁଷ୍ଠାନ

**ଛତ୍ରପୁର,୨୬।୫(ଡି.ଏନ.ଏ)**

ଗଞ୍ଜାମ ଜିଲାର ବ୍ରହ୍ମପୁର ମହାନଗର ନିଗମରେ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍‌ରେ ମଡର୍ନ ହାଇଜେନିକ୍ ଫିସ୍ ମାର୍କେଟ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ରାଜ୍ୟ ମତ୍ସ୍ୟ ବିଭାଗ ପକ୍ଷରୁ ୨୦୧୮ ଡିସେମ୍ବର ୧ରେ ମଞ୍ଜୁରୀ ମିଳିଥିଲା। ଏଥିସହ ଏହାର ନିର୍ମାଣ ପାଇଁ ଭୁବନେଶ୍ୱରସ୍ଥିତ ମତ୍ସ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ୨ କୋଟି ୮୬ ଲକ୍ଷ ୫୦ ହଜାର ଟଙ୍କା ବ୍ରହ୍ମପୁର ମହାନଗର ନିଗମକୁ ମଞ୍ଜୁର ହୋଇସାରିଛି। ତେବେ ମତ୍ସ୍ୟ ବିଭାଗର ଗାଇଡଲାଇନ୍ ଅନୁସାରେ ଏହା ନିର୍ମାଣ କରିବାକୁ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଉକ୍ତ ଫିସ୍ ମାର୍କେଟରୁ ବାହାରିବାକୁ ଥିବା ବର୍ଜ୍ୟବସ୍ତୁର ପରିଚାଳନା ଠିକ୍ ଭାବେ କରାଯିବାକୁ କଟକ ସ୍ଥିତ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ମହାନଗର ନିଗମ କମିଶନର, ଭୁବନେଶ୍ୱରସ୍ଥିତ ମତ୍ସ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ, ବ୍ରହ୍ମପୁର ଜୋନ୍ ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ, ଗଞ୍ଜାମ ଜିଲା ମତ୍ସ୍ୟ ଅଧିକାରୀଙ୍କ ନିକଟକୁ ଚିଠି ଆସିଛି। ବର୍ଜ୍ୟବସ୍ତୁ ପରିଚାଳନା ସହ ପରିବେଶ ଉପରେ କିଭଳି ଏହାର ପ୍ରଭାବ ନ ପଡ଼ିବ ସେ ଉପରେ ଉକ୍ତ ଚିଠିରେ ଗୁରୁତ୍ୱାରୋପ କରାଯାଇଛି। ବ୍ରହ୍ମପୁରରେ ଥିବା ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍‌ରେ ପିଣ୍ଡି ନିର୍ମାଣ କରି ମାଛ ବିକ୍ରି କରିବାକୁ କୁହାଯାଇଛି। ଏଥିସହ ପ୍ରତି ପିଣ୍ଡି ଠାରେ ପାଣି ଟ୍ୟାପ୍ ପ୍ରତିଷ୍ଠା କରି କିଭଳି ଏହାର ସଫା କରାଯିବା ସହ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ପଦକ୍ଷେପ ନେବାକୁ ଉକ୍ତ ଚିଠିରେ ନିର୍ଦ୍ଦେଶ ରହିଛି। ମତ୍ସ୍ୟ ବିଭାଗ ପକ୍ଷରୁ ରହିଥିବା ସମସ୍ତ ବୈଷୟିକ ଗାଇଡଲାଇନ୍ ପାଳନ କରି କିଭଳି ଉକ୍ତ କ୍ୟାମ୍ପସ ଠିକ୍ ରହିବ ସେ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଉକ୍ତ ପ୍ରକଳ୍ପ ସହ ଜଡିତ ଅଧିକାରୀମାନେ ଆନ୍ଧ୍ରପ୍ରଦେଶର ନେଲୋରରେ ଥିବା ଫିସ୍ ମାର୍କେଟର ପରିଦର୍ଶନ କରି ଏଥିପାଇଁ ଆବଶ୍ୟକ ତଥ୍ୟ ସଂଗ୍ରହ କରି ବ୍ରହ୍ମପୁରରେ ପ୍ରସ୍ତାବିତ ମଡର୍ନ ଫିସ୍ ମାର୍କେଟ ନିର୍ମାଣ କରିବାକୁ ଉକ୍ତ ଚିଠିରେ କୁହାଯାଇଛି। ଏହିସବୁ ଉପରେ ପଦକ୍ଷେପ ନେବାକୁ ଗଞ୍ଜାମ ଜିଲାପାଳଙ୍କୁ ଆସିଥିବା ଚିଠିରେ ଅନୁରୋଧ କରାଯାଇଛି। ସେହିପରି ଭୁବନେଶ୍ୱରସ୍ଥିତ ମତ୍ସ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ ଏହି ପ୍ରକଳ୍ପ ନିର୍ମାଣର ମନିଟରିଂ କରି ନିୟମିତ ରିପୋର୍ଟ ପଠାଇବାକୁ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଏଥିସହ ବ୍ରହ୍ମପୁର ଜୋନ୍ ମତ୍ସ୍ୟ ବିଭାଗର ଡେପୁଟି ଡାଇରେକ୍ଟର ଓ ଗଞ୍ଜାମ ଜିଲା ମତ୍ସ୍ୟ ଅଧିକାରୀ ଏହି ପ୍ରକଳ୍ପ କିଭଳି ଗାଇଡଲାଇନ୍ ଅନୁସାରେ ତ୍ୱରାନ୍ୱିତ ହେବ, ସେ ନେଇ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବାକୁ କଟକସ୍ଥିତ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିବା ଉକ୍ତ ଚିଠିରୁ ସୂଚନା ମିଳିଛି।

ପ୍ରକାଶଯୋଗ୍ୟ, ବ୍ରହ୍ମପୁର ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍‌ରେ ହେବାକୁ ଥିବା ମଡର୍ନ ଫିସ୍ ମାର୍କେଟ ପାଇଁ ଟେଣ୍ଡର ହୋଇସାରିଛି। ଏହି ଫିସ୍ ମାର୍କେଟ ୨ତାଲା ବିଶିଷ୍ଟ ହେବା ସହ ଶୀତତାପ ନିୟନ୍ତ୍ରିତ ହେବ। ଏଠାରେ ମାଛ ସହ ମାଂସ ଦୋକାନ ରହିବ ଏବଂ ଟେଣ୍ଡର ଜରିଆରେ ଆବଣ୍ଟନ ହେବ ବୋଲି ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇସାରିଛନ୍ତି। ଏଥିସହ ଉକ୍ତ ଦୋକାନମାନଙ୍କୁ ନିୟମିତ ବିଦ୍ୟୁତ୍ ଓ ପାଣି ସେବା ଯୋଗାଇଦେବାକୁ ବିଏମ୍‌ସି ନିଷ୍ପତ୍ତି ନେଇଛି। ଏଥିସହ କେତେକ ଖୋଲାରେ ଛେଳି କାଟୁଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ଉକ୍ତ ସ୍ଥାନରେ ସିସି କ୍ୟାମେରା ଲଗାଯିବାକୁ ମଧ୍ୟ ବିଏମ୍‌ସି ସ୍ଥିର କରିଛି। ଏହାଦ୍ୱାରା କେହି ଗାଇଡ୍‌ଲାଇନ ଖିଲାପ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି କମିଶନର ପୂର୍ବରୁ ଚେତାବନୀ ଦେଇସାରିଛନ୍ତି। ଏଥିସହ ପଲିଥିନକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। କଟନ୍ ବ୍ୟାଗ୍‌ର କିଭଳି ବ୍ୟବହାର ହେବ, ସେ ଉପରେ ବିଏମସି ଗୁରୁତ୍ୱାରୋପ କରିଥିବା ଜଣାପଡିଛି। କଟନ୍ ବ୍ୟାଗ ପ୍ରସ୍ତୁତ ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ତାଲିମ ସହ ଭଡ଼ା ଦେବାର ବ୍ୟବସ୍ଥା ପାଇଁ ବିଏମ୍‌ସି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ପ୍ରକାଶଯୋଗ୍ୟ, ବ୍ରହ୍ମପୁର ସ୍ଥିତ କମାପଲ୍ଲୀ ଛକଠାରେ ଅସ୍ୱାସ୍ଥ୍ୟକର ପରିବେଶରେ ମାଛ ଓ ମାଂସ ଦୋକାନ ଦୀର୍ଘ ବର୍ଷ ଧରି ଚାଲିଥିଲା। ପରେ ଏଗୁଡିକ ସେଠାରୁ ବିଏମସି ପକ୍ଷରୁ ହଟାଯାଇଥିଲା। ବିଶେଷକରି କମାପଲ୍ଲୀ ଛକରେ ଥିବା ମାଂସ ଓ ମାଛ ମାର୍କେଟ ଉପରେ ବ୍ରହ୍ମପୁରର ଜନସାଧାରଣ ନିର୍ଭର କରୁଥିଲେ। ଉଚ୍ଛେଦ ପରେ ବ୍ରହ୍ମପୁରର ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍‌ରେ ମଡର୍ନ ହାଇଜେନିକ୍ ଫିସ୍ ମାର୍କେଟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା।

## ଫନୀ ବିପନ୍ନଙ୍କୁ ୨୦ ଲକ୍ଷ ଟଙ୍କାର ସହାୟତା


ଜିଲାପାଳଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

**ଛତ୍ରପୁର,୨୬।୫(ଡି.ଏନ.ଏ.)**

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତଙ୍କ ନିମନ୍ତେ ବିଭିନ୍ନ ସଂଘ ଏବଂ ସଂସ୍ଥା ତରଫରୁ ସହାୟତା ପ୍ରଦାନ କରାଯାଉଛି। ଏହି କ୍ରମରେ ଆକ୍ସିସ ବ୍ୟାଙ୍କ ବ୍ରହ୍ମପୁର କ୍ଲଷ୍ଟର ତରଫରୁ ମଧ୍ୟ ୨୦ଲକ୍ଷ ଟଙ୍କାର ସହାୟତା ବିପନ୍ନଙ୍କ ନିମନ୍ତେ ଦିଆଯାଇଛି । ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଏହି ସହାୟତା ରାଶି ଚେକ ମାଧ୍ୟମରେ ପ୍ରଦାନ କରାଯାଇଛି। ବ୍ୟାଙ୍କର ବ୍ରହ୍ମପୁର କ୍ଲଷ୍ଟର ମୁଖ୍ୟ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ଶାଖା ମୁଖ୍ୟ ଦେବାଶିଷ ସ୍ୱାଇଁ, ଛତ୍ରପୁର ଶାଖା ମୁଖ୍ୟ ସଞ୍ଜୟ ଅଗ୍ରୱାଲ, ଆଞ୍ଚଳିକ ମ୍ୟାନେଜର (ବ୍ୟବସାୟୀ) ଅରୁଣ ରାୟ ଓ ଦଣ୍ଡପାଣି ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଚେକ ପ୍ରଦାନ କରାଯାଇଛି।

■ ସୁଶାନ୍ତ ହତ୍ୟା ମାମଲା

## ଆଜି ସରିବ ୨ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି

**ଗୋପାଳପୁର,୨୬।୫**

ବଡ଼ଗୁମୁଲା ଗ୍ରାମର ସୁଶାନ୍ତ ସାହୁ ହତ୍ୟା ମାମଲାର ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଗୋପାଳପୁର ଥାନା ପୋଲିସ ଶନିବାର ୩ ଦିନିଆ ରିମାଣ୍ଡରେ ନେଇଛି। ଅଭିଯୁକ୍ତ ଟୁନା ସେଠୀ ଓ ପ୍ରଦୀପ ସେଠୀଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସ ପୂର୍ବରୁ କୋର୍ଟରେ ଆବେଦନ କରିଥିଲା। ରବିବାର ବ୍ରହ୍ମପୁର ସଦର ଏସଡିପିଓ ଜୟନ୍ତ ମହାପାତ୍ର ଓ ତଦନ୍ତକାରୀ ଅଧିକାରୀ ବିବେକାନନ୍ଦ ମହନ୍ତ ଅଭିଯୁକ୍ତଦ୍ୱୟଙ୍କୁ ମୁହାଁମୁହିଁ ଜେରା କରିଛନ୍ତି। ଜେରା ବେଳେ ପୋଲିସ ବହୁ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ବ୍ୟବହୃତ ସ୍କୁଟିକୁ ଜବତ କରାଯାଇଛି। ପୂର୍ବ ଶତ୍ରୁତା ନା ରାଜନୈତିକ ଲିଙ୍କ୍‌କୁ ନେଇ ହତ୍ୟାକାଣ୍ଡ ଘଟିଥିଲା ସେ ନେଇ ତଦନ୍ତ ଜୋରଦାର ଚାଲିଛି । ସୁଶାନ୍ତଙ୍କ ଗ୍ୟାଙ୍ଗର ମୁଖିଆଙ୍କୁ ହତ୍ୟା ନିମନ୍ତେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ମୁଖିଆଙ୍କୁ ନ ପାଇ ତାଙ୍କ ସହଯୋଗୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଦ୍ୱୟ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ସୋମବାର ରିମାଣ୍ଡ ଅବଧି ସରିବ। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ପୁଣି ରିମାଣ୍ଡରେ ଅଣାଯିବ ବୋଲି ତଦନ୍ତକାରୀ ଅଧିକାରୀ ମହନ୍ତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ ୨୦ ତାରିଖ ରାତିରେ ଉପରୋକ୍ତ ଦୁଇ ଅଭିଯୁକ୍ତ ସେମାନଙ୍କ ସହଯୋଗୀଙ୍କ ସହ ମିଶି ସୁଶାନ୍ତ ସାହୁଙ୍କ ଉପରକୁ ବୋମା ଫିଙ୍ଗିଥିଲେ। ଫଳରେ ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ୮ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ।

## କାମ ଦେବା ନାଁରେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣା

# ଅଭିଯୁକ୍ତ ଗିରଫ ନ ହେଲେ ଆନ୍ଦୋଳନ ଚେତାବନୀ


ଗ୍ରାମବାସୀଙ୍କ ବୈଠକ।

**ଗଞ୍ଜାମ,୨୬।୫(ଡି.ଏନ.ଏ.)**

ଗଞ୍ଜାମ ଥାନା ଅଧୀନ ଏକ କମ୍ପାନୀର ମୁଖ୍ୟ ସୁରକ୍ଷା ଅଧିକାରୀ କାମ ଦେବା ନାଁରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଥିଲା। ଏତଲାକୁ ଭିତ୍ତିକରି ଗଞ୍ଜାମ ଥାନା ପୋଲିସ ନଂ. ୪୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କିନ୍ତୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇ ନ ଥିବାରୁ ଉକ୍ତ ଥାନା ଅଞ୍ଚଳର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଉତ୍ତେଜନା ପ୍ରକାଶ ପାଇଛି। ଏ ନେଇ ରବିବାର ଗ୍ରାମରେ ଏକ ବୈଠକ ହୋଇଥିଲା। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରା ନ ଗଲେ ସୋମବାର ପୂର୍ବାହ୍ନ ୧୦ଟାରେ କମ୍ପାନୀ ମୁଖ୍ୟ ଫାଟକଠାରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ ଘଟଣା ଜଣାପଡ଼ିବା ପରେ ସମ୍ପୃକ୍ତ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବା ଜଣାପଡ଼ିଛି। ଏତଲା ପରଠାରୁ ଉକ୍ତ କର୍ମଚାରୀ ଜଣକ ଫେରାର ଥିବା ପୋଲିସ କହିଛି।

## ବିଧାୟକଙ୍କୁ ଭେଟିଲେ ବିଜେଡି କର୍ମୀ

**କୁକୁଡ଼ାଖଣ୍ଡି,୨୬।୫(ଡି.ଏନ.ଏ.)**

ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ବିଜୟୀ ବିଜେଡି ବିଧାୟକ ପ୍ରାର୍ଥୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଦିଆଯାଉଥିବାବେଳେ କୁକୁଡ଼ାଖଣ୍ଡି ବ୍ଲକ ବିଜେଡି କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପୂର୍ବତନ ଏମ୍‌ପି ପ୍ରତିନିଧି ସନାତନ ସଂଗ୍ରାମ ସିଂହ ଏବଂ ରାଜ୍ୟ ବିଜେଡି ଯୁବ ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାତ୍ର ବିଜେଡି କର୍ମୀଙ୍କ ସହ ଭୁବନେଶ୍ୱରସ୍ଥିତ ସୂର୍ଯ୍ୟଙ୍କ ବାସଭବନରେ ଶୁକ୍ରବାର ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।


ବିଧାୟକଙ୍କୁ ବିଜେଡି କର୍ମୀଙ୍କ ସମ୍ବର୍ଦ୍ଧନା।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଗୋପାଳପୁର,୨୬।୫**

ଗୋପାଳପୁରସ୍ଥିତ ପିଏମ୍ ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ୧୯୯୧, ୯୨ ଓ ୯୩ ବ୍ୟାଚର ତେଲୁଗୁ ସମ୍ପ୍ରଦାୟର ଛାତ୍ରୀଛାତ୍ରମାନେ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହି ସମୟରେ ପାଠ ପଢ଼ାଉଥିବା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଉପଢ଼ୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପରଲୋକ ହୋଇଯାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହି ଦିନର ଗୁରୁ ଶିଷ୍ୟର ସମ୍ପର୍କ ଏବଂ ନୂଆ ସମାଜ ଗଠନ ଦିଗରେ ଛାତ୍ରମାନଙ୍କ କିଭଳି ଭୂମିକା ରହିଛି ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ପୁରାତନ ଛାତ୍ରୀ ଏ. ଲକ୍ଷ୍ମୀ, ପି. ରାଜାରାଓ, ବି. ହେମନ୍ତ ରାଓଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ଶିକ୍ଷକ ବି. ପ୍ରସାଦ ରାଓ, ପି. କେଶବ ରାଓ, ଆର. ଚନ୍ଦ୍ରଭୂଷଣ, ଗୋପାଳ କୃଷ୍ଣ ପଣ୍ଡା, କାର୍ତ୍ତିୟାନୀ ନନ୍ଦି, ପଦ୍ମାବତୀ ଚୌଧୁରୀ, ବିଜୟ ଚନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ପାଢ଼ୀ, ଦେବରାଜ ବେହେରା, ତାରିଣୀ ଚରଣ ତ୍ରିପାଠୀ ଯୋଗ ଦେଇଥିଲେ।


ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

## ୧୮ କେଜି ଗଞ୍ଜେଇ ସହ କାର ଜବତ, ୫ ଗିରଫ

**ଆର.ଉଦୟଗିରି, ୨୬।୫(ଡି.ଏନ.ଏ.)**

ଆର.ଉଦୟଗିରି ପୋଲିସ ଶନିବାର ଭୋରରେ ଅଲଡ଼ା କାଜୁବାଡ଼ଠାରେ ଏକ ଇଣ୍ଡିକୋରୁ ୧୮ କେଜି୫୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ପାଟଣା ଅଞ୍ଚଳର ଦୀନବନ୍ଧୁ କୁମାର, ଅମିତ କୁମାର ରାଏ, ରମେଶ କୁମାର, ନିତୀଶ କୁମାର, ପ୍ରଭୁ କୁମାର। ଏ ନେଇ ଆର.ଉଦୟଗିରି ଥାନାରେ ନଂ. ୫୮/୧୯ରେ ମାମଲା ରୁଜୁ କରାଯିବା ସହ ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍ଆଇ ପ୍ରଫୁଲ୍ଲ କୁମାର ପ୍ରଧାନ କହିଛନ୍ତି । ଶନିବାର ଭୋର ୫ଟାରେ ଆର.ଉଦୟଗିରି ପୋଲିସ ଛେଲିଗଡ଼, ମହେନ୍ଦ୍ରଗଡ଼ ଅଞ୍ଚଳରୁ ପାଟ୍ରୋଲିଂ କରି ଫେରୁଥିଲା। ଏହି ସମୟରେ ଅଲଡ଼ା କାଜୁବାଡ଼ଠାରେ ଏକ ନମ୍ବର ବିହୀନ ଇଣ୍ଡିକୋ ଦ୍ରୁତ ଗତିରେ ଯାଉଥିବା ଦେଖି ପୋଲିସ ସନ୍ଦେହ କରି ଗାଡ଼ିର ପିଛା କରିଥିଲା। ପରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଥିବା ଗଞ୍ଜେଇ ସହ କାର୍‌କୁ ଜବତ କରିଥିଲା।


ଗିରଫ ଅଭିଯୁକ୍ତ।

## ମଦ ଜବତ, ୨ ଗିରଫ

**ଆର.ଉଦୟଗିରି, ୨୬।୫(ଡି.ଏନ.ଏ.)**

ଆର.ଉଦୟଗିରି ଥାନା ପୋଲିସ ବେଆଇନ ମଦ ବିକ୍ରି ଅଭିଯୋଗରେ ଶନିବାର ଶବରପଲ୍ଲି ଗ୍ରାମରେ ଲୋସନ ରଇତଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୦ ଲିଟର ମଦ ଜବତ ହେବା ସହ ନଂ. ୫୬/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ଆର.ଉଦୟଗିରି ଗ୍ରାମରୁ ପୋଲିସ ପାଟ୍ରୋଲିଂ ସାରି ଫେରୁଥିବା ବେଳେ ଶବରପଲ୍ଲୀ ଗ୍ରାମର ହିଙ୍ଗୁଡ଼ା ରଇତଙ୍କଠାରୁ ୧୦ ଲିଟର ମଦ ଜବତ କରିଛି। ନଂ. ୫୭/୧୯ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଆହତ ଯୁବକଙ୍କୁ ଉଦ୍ଧାର କଲା ପୋଲିସ

**କୁକୁଡ଼ାଖଣ୍ଡି,୨୬।୫(ଡି.ଏନ.ଏ.)**

ଜଣେ ଆହତ ଯୁବକଙ୍କୁ ରବିବାର ପୂର୍ବାହ୍ନରେ ଉଦ୍ଧାର କରିଛି ଆଙ୍କୁଶପୁର ସଦର ପୋଲିସ। ସେ ହେଲେ ସୁନ୍ଦରଗଡ଼ ଜିଲା ଲେପରିପଡ଼ାର ବବୁଲ କୁମାର ସାହା (୨୬)। ବବୁଲଙ୍କ ଅଣ୍ଟା ଭାଙ୍ଗିଯାଇଥିବାରୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ତାଙ୍କ ପରିବାର ଲୋକ ସୁନ୍ଦରଗଡ଼ ଲେପରିପଡାରୁ ଆସି ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚିଛନ୍ତି। ଏଥିସହିତ ଆଙ୍କୁଶପୁର ସଦର ପୋଲିସ ବବୁଲଙ୍କ ବିଷୟରେ ସୂଚନା ଦେଇଛନ୍ତି। ସଦର ଥାନାଧିକାରୀ ଭାବାନନ୍ଦ ପ୍ରଧାନଙ୍କ ସୂଚନା ପ୍ରକାରେ, ବବୁଲ ଗୋଆରେ ଥିବା ଏକ ବିଦ୍ୟୁତ୍ ତାର ତିଆରି କମ୍ପାନିରେ କାମ କରୁଥିଲେ। ଦେହ ଅସୁସ୍ଥ ହେବାରୁ ସେ ଟ୍ରେନ୍ ଯୋଗେ ଘରକୁ ଫେରୁଥିଲେ। ଟ୍ରେନ ବ୍ରହ୍ମପୁରରେ ପହଞ୍ଚିବାପରେ ବସ ଯୋଗେ ସୁନ୍ଦରଗଡ଼ ଯିବା କଥା। ମାତ୍ର ଅନ୍ୟକୌଣସି ବସରେ ବସି କୁକୁଡ଼ାଖଣ୍ଡିରେ ଓହ୍ଲାଇ ପଡିଥିଲେ। କୁକୁଡ଼ାଖଣ୍ଡି ବଜାର ରାସ୍ତାରେ ଥିବା ସାହେବ ପାତ୍ରଙ୍କ ଘରକୁ ପ୍ରବେଶ କରିବା ପାଇଁ ଶିଡ଼ି ଚଢୁଥିବାବେଳେ ପଡ଼ି ଯିବାରୁ ଅଣ୍ଟାରେ ଆଘାତ ଲାଗିଥିଲା। ପ୍ରଥମେ ସେମାନେ ଚୋର ବୋଲି ଭାବିଥିଲେ। ମାତ୍ର ଆହତ ଅବସ୍ଥାରେ ଥିବାରୁ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉଦ୍ଧାର କରି ମେଡିକାଲ ନେଇଥିଲା। କୌଣସି କାରଣରୁ ବବୁଲଙ୍କ ମାନସିକ ଅବସ୍ଥା ଭଲ ନ ଥିବା ଥାନାଧିକାରୀ ଭାବାନନ୍ଦ ପ୍ରଧାନ କହିଛନ୍ତି।


ଆହତ ଯୁବକ।

# ତାତି ବଢ଼ାଉଛି ବେଆଇନ ଇଟାଭାଟି

**ପାଟପୁର,୨୬।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ଅଞ୍ଚଳରେ ଶତାଧିକ ବେଆଇନ ଇଟାଭାଟି ପୋଡ଼ା ଚାଲିଛି । ସେଥିରୁ ନିର୍ଗତ ନିଆଁ ପ୍ରକୋପରେ ଅସ୍ୱାଭାବିକ ଭାବେ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହୋଇଛି। ଫଳରେ ସାଧାରଣ ଜନ ଜୀବନ ପ୍ରଭାବିତ ହେଉଛି। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଇଟାଭାଟି ନିଆଁ ଝାସ ଓ ଧୂଆଁ ଅଞ୍ଚଳବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ରାଜସ୍ୱ ବିଭାଗର କୌଣସି କଟକଣାକୁ ଖାତିର ନ କରି ଏହି ଅଞ୍ଚଳରେ ବେଆଇନ ଭାବେ ବ୍ୟବସାୟୀମାନେ ପୋଡ଼ା ଇଟାଭାଟି ଚଳାଇଥିବା ଅଭିଯୋଗ ହୋଇ ଆସୁଛି। ବିଦ୍ୟାଳୟ, ଜନବସତି ଓ ଦାତବ୍ୟ ଅନୁଷ୍ଠାନଠାରୁ ୧ କି.ମି. ଦୂରରେ ଇଟାଭାଟି କରିବା ନିୟମ ନ ଥିଲେ ମଧ୍ୟ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଭାଲିଆଖୋଳା, ଧର୍ମରାୟପୁର, ବିଶ୍ୱନାଥପୁର, କାଳକଣ୍ଠପୁର, ଏରେଣ୍ଡ୍ରା, କଉଡ଼ିଆ, କଙ୍କୋରଡ଼ା, କରାଖଣ୍ଡି, ଗମ୍ଭାରୀଗୁଡ଼ା, ନିମ୍ପିପୁର, ଆଡ଼ପଡ଼ା, ଖଳିଙ୍ଗି, ଚକ୍ରପୁର, ଦାନଆମ୍ବଠା, ସାହସପୁର, ସୁମନ୍ତପୁର, ପଟିଗୁଡ଼ା, ପୋଡ଼ାମାରି, ବ୍ରାହ୍ମଣପଙ୍କ ଓ ଏସ୍. ଗୋପାଳପୁର ସମେତ ସାନଖେମୁଣ୍ଡି ତହସିଲର ୭ ରାଜସ୍ୱ ସର୍କଲର ବହୁ ମୌଜାରେ ପୋଡ଼ା ଇଟାଭାଟି ଚାଲିଛି। ନଦୀ କୂଳରେ ଇଟାଭାଟି ପାଇଁ ନିର୍ଦ୍ଦେଶ ନ ଥିଲେ ମଧ୍ୟ ପ୍ରାୟ ଇଟାଭାଟି ନଦୀ କୂଳରେ ଚାଲିଛି। ପରିବେଶ ମଞ୍ଜୁରୀ ନ ଥାଇ ସାନଖେମୁଣ୍ଡି ତହସିଲ ଅଧୀନରେ ୯ଟି ଚିମିନି ଇଟା ଭାଟିକୁ ପ୍ରଶାସନ ପକ୍ଷରୁ ଏନଓସି ଦିଆଯାଇଥିବା କୁହାଯାଇଛି। କିନ୍ତୁ କେଉଁ


ବେଆଇନ ଇଟାଭାଟି।

### ପ୍ରଶାସନିକ କଟକଣା ଶୂନ

ନିୟମ ଆଧାରରେ ଏନଓସି ଦିଆଯାଇଛି ତା'ର ଉତ୍ତର କାହାରି ପାଖରେ ନାହିଁ। ଅନୈତିକ ଭାବେ ଚାଲିଥିବା ବେଆଇନ ଇଟାଭାଟିକୁ ବନ୍ଦ କରିବା ପାଇଁ ତହସିଲ ପ୍ରଶାସନ ସାହାସ କରିପାରୁ ନ ଥିବା ଅଭିଯୋଗ ହେଉଛି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁସାରେ ଉପର ପୋଡ଼ା ଇଟାଭାଟି ସମ୍ପୂର୍ଣ୍ଣ ବେଆଇନ। ଏହାଦ୍ୱାରା ବାୟୁ ପ୍ରଦୂଷଣ, ଉର୍ବର ମୃତ୍ତିକା କ୍ଷୟ ସହ ଯାନବାହନ ଚଳାଚଳରେ ବାଧା ସୃଷ୍ଟି କରିଥାଏ। ଏ ସମ୍ପର୍କରେ ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ କହିଛନ୍ତି, ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ଚଢ଼ାଉ କରାଯାଇଛି। ଅଧିକ ବ୍ୟବସାୟୀଙ୍କୁ ନୋଟିସ ଜାରି କରିବା ସହ ଜରିମାନା ଆଦାୟ କରାଯାଇଛି।

## ସଂକ୍ଷେପରେ

### ରନ୍ଧା ମଦ ଜବତ, ଜଣେ ଗିରଫ

**ଆସିକା,୨୬।୫(ଡି.ଏନ୍.ଏ.):** ଆସିକା ଥାନା କୋଟିବାଡିସ୍ଥିତ ଏରୋଗୋଲା ବସା ଉପରେ ପୋଲିସ ଶନିବାର ରାତିରେ ଚଢାଉ କରି ୬୦ ଲିଟର ରନ୍ଧା ମଦ ଜବତ କରିଛି। ଏହି ମାମଲାରେ ଏରୋଗୋଲା ବସାର ଏ. ଶଙ୍କରଙ୍କୁ ଗିରଫ କରାଯାଇଛି। ଏନେଇ ଆସିକା ଥାନାରେ ନଂ.୧୬୭/୧୯ରେ ଏକ ମାମଲା ରୁଜୁ କରି ରବିବାର ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

### ଘଡ଼ଘଡ଼ି ସହ ବର୍ଷା ଜନସାଧାରଣ ଆଶ୍ୱସ୍ତ

**ବୁଗୁଡ଼ା,୨୬।୫(ଡି.ଏନ.ଏ.):** ବୁଗୁଡ଼ା ଅଞ୍ଚଳରେ ପ୍ରାୟ ୧୦ ଦିନ ହେବ ପ୍ରଚଣ୍ଡ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ରବିବାର ଏଠାରେ ପାଗରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଅପରାହ୍ନରେ ବିଜୁଳି, ଘଡ଼ଘଡ଼ି ଓ ପବନ ସହ ପ୍ରାୟ ଅଧଘଣ୍ଟା ବର୍ଷା ହୋଇଥିଲା। ଫଳରେ ଜନସାଧାରଣଙ୍କୁ ଅସମ୍ଭାଳ ତାତିରୁ ସାମାନ୍ୟ ତ୍ରାହି ମିଳିବା ସହ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଅନ୍ୟପଟେ ବିଜୁଳି ଓ ଘଡ଼ଘଡ଼ି ଯୋଗୁ ବୁଗୁଡ଼ାରେ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଛି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ୨ ଖୋଲିବା ପ୍ରସଙ୍ଗ ବେଗୁନିଆପଡ଼ା ବଞ୍ଚିତ ନେଇ ଅସନ୍ତୋଷ

**ବେଗୁନିଆପଡ଼ା,୨୬।୫(ଡି.ଏନ୍.ଏ.):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଓଡ଼ିଶାର ବିଭିନ୍ନ ବ୍ଲକରେ ଚାଲିଥିବା ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ୩୦ରେ ଯୁକ୍ତ ୨ ଖୋଲିବାକୁ ରାଜ୍ୟସ୍ତରରେ ନିଷ୍ପତ୍ତି ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚିଠି ନଂ.୧୧୮୨ ଗତ ୨୫ ତାରିଖରେ ପ୍ରତି ଆଦର୍ଶ ବିଦ୍ୟାଳୟ ଅଧକ୍ଷଙ୍କୁ ନିର୍ଦ୍ଦେଶ ଆସିଛି। ଏହି ତାଲିକାରେ ଗଞ୍ଜାମ ଜିଲାର ୫ ଆଦର୍ଶ ବିଦ୍ୟାଳୟ ରହିଥିବା ବେଳେ ବେଗୁନିଆପଡ଼ା ବ୍ଲକ ବଞ୍ଚିତ ହୋଇଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚଳିତ ବର୍ଷ ଏହି ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ୯୮% ରେଜଲ୍ଟ ହୋଇଥିବାରୁ କାହିଁକି ଯୁକ୍ତ ୨ ଖୋଲାଗଲା ନାହିଁ ଅଭିଭାବକ ଚିନ୍ତାରେ ଅଛନ୍ତି। ବ୍ଲକରେ ଯୁକ୍ତ ୨ ବିଜ୍ଞାନ କଲେଜ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ବହୁ ଅସୁବିଧା ହେଉଛି। ଶୀଘ୍ର ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା ଘଟଣା: ୮ ଗିରଫ

**ଧରାକୋଟ,୨୬।୫(ଡି.ଏନ.ଏ.)**

ଧରାକୋଟ ଥାନା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଅଲେଖ ନାହାକଙ୍କୁ ଘରୁ ଡାକିନେଇ ହତ୍ୟା କରାଯାଇଥିଲା। ପ୍ରେମ ବ୍ୟାପାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଅଲେଖଙ୍କ ବାପା ଧରାକୋଟ ଥାନାରେ ଏତଲା ଦେବାପରେ ପୋଲିସ ନଂ. ୭୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ଏହି ଘଟଣାରେ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଯୁଧିଷ୍ଠିର ବେହେରା (୪୮), ଚିତ୍ରସେନ ବେହେରା (୩୫), ମହେଶ୍ୱର ବେହେରା (୪୫), ଶିବରାମ ବେହେରା (୨୫), ନିଶାକର ବେହେରା (୨୩), ଗୋବିନ୍ଦ ବେହେରା (୨୫), ଅଚ୍ୟୁତ ବେହେରା (୩୭), ମୁନା ବେହେରା (୩୭)। ସମସ୍ତ ଅଭିଯୁକ୍ତ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଧରାକୋଟ ଥାନାରେ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଭାରପ୍ରାପ୍ତ ଥାନାଧିକାରୀ ପ୍ରଭାତ କୁମାର ସାହୁ, ତଦନ୍ତକାରୀ ଅଧିକାରୀ ଶେଷଦେବ କହଁର ମିଳିତ ବିବୃତିରେ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ଲୁହାଛଡ଼ ଓ ଠେଙ୍ଗା ଜବତ କରାଯାଇଛି।

ପୋଲିସ କହିବା ପ୍ରକାରେ, ଅଲେଖ ସମ୍ପୃକ୍ତା ଦଶମ ଶ୍ରେଣୀ ଛାତ୍ରୀଙ୍କ ସହ ୪/୫ ମାସ ହେଲା ମିଳାମିଶା କରୁଥିଲେ। ଏନେଇ ଝିଅଙ୍କ ପରିବାର ପକ୍ଷରୁ ଅଲେଖଙ୍କୁ ତାଗିଦ୍ କରାଯାଇଥିଲା। କିନ୍ତୁ ସେ ନ ମାନି ମିଳାମିଶା କରୁଥିଲେ। ଘଟଣାଦିନ ଗ୍ରାମରେ ଭାରତଲୀଳା ନାଟକ ପରିବେଷଣ ହେଉଥିଲା। ଝିଅ ପରିବାର ଲୋକେ ନାଟକ ଦେଖିବା ପାଇଁ ଯାଇଥିଲେ। ସମ୍ପୃକ୍ତା ନାବାଳିକା ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଅଲେଖ ଝିଅ ଘରକୁ ଯାଇଥିଲେ। ଏହି ଖବର ଝିଅର ବାପା, ଦାଦା ଓ ଭାଇ ଜାଣିବା ପରେ ଅଲେଖଙ୍କୁ ତାଙ୍କ ଘରୁ ଡ଼ାକି ଆଣି ନିସ୍ତୁକ ମାଡ଼ ମାରିଥିଲେ। ଅଲେଖଙ୍କ ବାପା ସେଠାରେ ପହଞ୍ଚି ପୁଅକୁ ମାଡ ମରାଯାଉଥିବା ଦେଖି ଧରାକୋଟ ଥାନାକୁ ଖବର ଦେଇଥିଲେ। ଧରାକୋଟ ପୋଲିସ ପହଞ୍ଚି ଅଲେଖଙ୍କୁ ଝିଅଘରୁ ଉଦ୍ଧାର କରିଥିଲେ। ତାଙ୍କ ଦେହରେ ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାବେଳେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ୮ ଜଣ ସମ୍ପୃକ୍ତ ଥିବା ନେଇ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ଏସ୍‌ଡିପିଓଙ୍କ ଠାରୁ ପ୍ରକାଶ।

# ଉନ୍ନୟନ ପ୍ରକଳ୍ପର ତଦାରଖ କଲେ ଜିଲାପାଳ



ଜିଲାପାଳ ନିର୍ମାଣ କାର୍ଯ୍ୟର ତଦାରଖ କରୁଛନ୍ତି।

**ହିଞ୍ଜିଳିକାଟୁ,୨୬।୫(ଡି.ଏନ୍.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ହିଞ୍ଜିଳିକାଟୁ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତିନେଇ ତଦାରଖ କରିଛନ୍ତି। ରବିବାର ପୂର୍ବାହ୍ନରେ ଜିଲାପାଳ ଆର୍‌ଏମସି ମଧ୍ୟରେ ପ୍ରାୟ ୩୨ କୋଟି ଟଙ୍କା ଅଟକଳର ନିର୍ମାଣ ଚାଲିଥିବା ଉପଖଣ୍ଡ ଡାକ୍ତରଖାନା ବୁଲି ଦେଖିଥିଲେ। ଉପସ୍ଥିତ ଯନ୍ତ୍ରୀ ଓ କାମ କରୁଥିବା ସଂସ୍ଥାକୁ ତୁରନ୍ତ କାମ ସାରିବାକୁ ପରାମର୍ଶ ଦେଇଥିଲେ। ସେହିପରି ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡିୟମ ପରିସରରେ ନିର୍ମାଣାଧୀନ ୮କୋଟି ୧୦ଲକ୍ଷ ଟଙ୍କା ଅଟକଳର ଇନ୍‌ଡୋର ଷ୍ଟାଡିୟମ ଓ ୩.୨୧ କୋଟି ଟଙ୍କା ଅଟକଳ ମୂଲ୍ୟର ନୂତନ ବସ ଟର୍ମିନାଲର ଅଗ୍ରଗତି ନେଇ ତଦାରଖ କରିଥିଲେ। ପ୍ରକଳ୍ପ ନିର୍ମାଣରେ ଯେପରି କୌଣସି ସମସ୍ୟା ନ ହୁଏ ସେ ନେଇ ଦୃଷ୍ଟି ଦେବାକୁ ହିଞ୍ଜିଳିକାଟୁ ବିଡିଓ ପ୍ରସନ୍ନ କୁମାର ପାତ୍ର ଓ ଅନ୍ୟ ସହକାରୀ ଯନ୍ତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ସମାଜିକ କଲ୍ୟାଣ ଯୋଜନା ଉପରେ ଆଲୋଚନା କରିଥିଲେ। ପ୍ରକାଶ ଥାଉକି, ହିଞ୍ଜିଳିକାଟୁ ମ୍ୟୁନିସପାଲିଟିରେ ନୂତନ ବସ ଟର୍ମିନାଲ ନିର୍ମାଣରେ ବିଳମ୍ବ ହେତୁ ଉଠା ବେପାରୀଙ୍କ ସହ ବସ ଟର୍ମିନାଲ ନିକଟରେ ଥିବାଦୋକାନୀଙ୍କ ବ୍ୟବସାୟ ମାନ୍ଦା ହେଉଥିବା ଅଭିଯୋଗ ହେଉଛି। ଅସ୍ଥାୟୀ ଭାବେ ମିନି ଷ୍ଟାଡିୟମ ପରିସରରେ ବସ୍‌ଷ୍ଟାଣ୍ଡ କରିବା ଫଳରେ ଖେଳ ବାଧାପ୍ରାପ୍ତ ହେଉଛି। ଗତବର୍ଷ ଜୁନରେ ନିର୍ମାଣ ଆରମ୍ଭ ହୋଇଥିବା ବସ୍ ଟର୍ମିନାଲ କାମ ଆଶ ଅନୁଯାୟୀ ଅଗ୍ରଗତି ହୋଇନାହିଁ।

# ୨ ଦେଶୀ ବନ୍ଧୁକ ସହ ଗୁଳି ଜବତ, ୨ ଗିରଫ

**ମୋହନା,୨୬।୫(ଡି.ଏନ୍.ଏ.)**

ମୋହନା ଥାନା ବଡ଼ସିନ୍ଧବା ଛକ ଜଙ୍ଗଲ ରାସ୍ତାରେ ଶନିବାର ରାତିରେ ଶିକାର କରିବା ଉଦ୍ଦେଶ୍ୟରେ ଜଙ୍ଗଲକୁ ଯାଉଥିବା ୨ ଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବାରିଆବନ୍ଧ ଗାଁର ରୁଡୁଗୁ ଶବର (୪୨) ଓ ସୁମରା ଶବର (୪୭)। ସେମାନଙ୍କଠାରୁ ୨ଟି ବିନା ଲାଇସେନ୍ସ ପ୍ରାପ୍ତ ଦେଶୀ ବନ୍ଧୁକ ଓ ଗୁଳି ଜବତ ହୋଇଛି। ନଂ. ୯୦/୧୯ରେ ମାମଲା ରୁଜୁ କରାଯାଇ ରବିବାର ଅଭିଯୁକ୍ତଙ୍କୁ ମୋହନା ପୋଲିସ କୋର୍ଟ ଚାଲାଣ କରିଥିବା ରା.ଉଦୟଗିରି ଏସ୍‌ଡିପିଓ ଅଶୋକ ମହାନ୍ତି କହିଛନ୍ତି।

ପ୍ରକାଶ ଯେ, ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମାଙ୍କ ନିର୍ଦ୍ଦେଶରେ ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ହେମନ୍ତ କୁମାର ସେଠୀ ସଦଳବଳ ମୋହନାଠାରୁ ଚନ୍ଦ୍ରଗିରି ଅଞ୍ଚଳ ପର୍ଯ୍ୟନ୍ତ ରାତ୍ରି କାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା।

### ଦିଗପହଣ୍ଡି ନିର୍ବାଚନମଣ୍ଡଳୀ

# ତ୍ରୁଟି ଯୋଗୁ ଗଣନାରୁ ବାଦ୍ ପଡ଼ିଲା ୧୨ ଇଭିଏମ୍

**ଦିଗପହଣ୍ଡି,୨୬।୫(ଡି.ଏନ.ଏ.)**

ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସୂର୍ଯ୍ୟ ନାରାୟଣ ପାତ୍ର ୪୦,୪୫୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସୂର୍ଯ୍ୟ ୭୫,୦୧୬ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପିଙ୍କି ପ୍ରଧାନ ୩୪,୫୬୪ ଭୋଟ ପାଇଥିଲେ। ଇଭିଏମ୍‌ରେ ତ୍ରୁଟି ଯୋଗୁ ୧୨ ମତଦାନ କେନ୍ଦ୍ରର ଭୋଟ ଗଣତି କରାନଯାଇ ଚୂଡାନ୍ତ ଫଳାଫଳ ଘୋଷଣା କରାଯାଇଛି। ସେଗୁଡିକ ହେଲା ଦିଗପହଣ୍ଡି ବ୍ଲକ କମାପଦ୍ମନାଭପୁର ବୁଥ୍ ନଂ. ୪୫, ଗୋକର୍ଣ୍ଣପୁର ବୁଥ୍ ନଂ. ୫୮, ପୀତାମ୍ବରପୁର ବୁଥ୍ ନଂ. ୬୧, ସିଦ୍ଧଖଣ୍ଡି ବୁଥ୍ ନଂ.୬୬, ରାମଚନ୍ଦ୍ରପୁର ବୁଥ୍ ନଂ.୯୭, ଡଙ୍କାରି ବୁଥ୍ ନଂ.୧୧୬, ପେଣ୍ଠା ଗାଁ ବୁଥ୍ ନଂ.୧୪୪, ଜଂଘମା ବୁଥ୍ ନଂ ୧୬୩, ସାନଡୁମୁଲା ବୁଥ୍ ନଂ.୧୭୭, ବାଗଡା ବୁଥ୍ ନଂ.୧୮୦ ଏବଂ କୁକୁଡାଖଣ୍ଡି ବ୍ଲକ ରୋହିଗାଁ ବୁଥ୍ ନଂ.୭୩। ନିର୍ବାଚନ ଆଇନ ଅନୁଯାୟୀ ଭୋଟ ଗଣନା କେନ୍ଦ୍ରରେ ନିଯୁକ୍ତ ସର୍ବାଧିକ ଭୋଟ ହାସଲ କରିଥିବା ପ୍ରାର୍ଥୀ ଓ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ଏଜେଣ୍ଟମାନଙ୍କ ସହମତି ଭିତ୍ତିରେ ଏସବୁ ଅଚଳ ଭୋଟିଂ ମେଶିନର ଫଳାଫଳକୁ ବାଦ୍ ଦେଇ ଚୂଡାନ୍ତ ଫଳାଫଳ ଘୋଷଣା କରାଯାଇଥିବା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅତିରିକ୍ତ ରିଟର୍ଣ୍ଣିଂ ଅଫିସର ଅଦ୍ୱୈତ କୁମାର ସ୍ୱାଇଁ କହିଛନ୍ତି।












2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ